# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**15th July - 2026**

**********************************

*Puri/R*

# ରଥଯାତ୍ରା

ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ଆସନ୍ତାକାଲି ଅନୁଷ୍ଠିତ ହେବ । ମହାପ୍ରଭୁଙ୍କୁ ଦେଖିବାପାଇଁ ରଥ ଓ ପଥ ପ୍ରସ୍ତୁତ ହୋଇସାରିଛ । ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ଜଣାପଡ଼ିଛି । ରଥଯାତ୍ରାକୁ ଦୃଷ୍ଟିରେ ରଖି ପୁରୀରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ଏହାସହ ଟ୍ରାଫିକ୍ କଟକଣା ଲାଗୁ କରାଯାଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି । ନେତ୍ରୋତ୍ସବରେ ମହାପ୍ରଭୁ ଗତକାଲି ଶ୍ରଦ୍ଧାଳୁଙ୍କୁ ନବଯୌବନ ବେଶରେ ଦର୍ଶନ ଦେବାପରେ ପ୍ରତିପଦା ତିଥିରେ ଆଜି ଶ୍ରୀଜିଉଙ୍କ ଉଭାଯାତ୍ରା ଅନୁଷ୍ଠିତ ହେବ । ଘଣ୍ଟ, ଛତା, କାହାଳୀ ସହ ପଟୁଆରରେ ପୂଜାପଣ୍ଡାମାନେ ମହାପ୍ରଭୁଙ୍କୁ ଆଜ୍ଞାମାଳ ନେଇ ବିଜେ କରାଇବେ । ଏହାପରେ ତିନିରଥକୁ ଟଣାଯାଇ ସିଂହଦ୍ୱାର ସମ୍ମୁଖରେ ଲଗାଯିବ । ଆସନ୍ତାକାଲି ଶ୍ରୀଗୁଣ୍ଡିଚା ଯାତ୍ରାକୁ ଦୃଷ୍ଟିରେ ରଖି ଆଜି ଶ୍ରୀଜିଉଙ୍କ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିବା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି ।

*Kendrapara/R*

# ରଥଯାତ୍ରା

କେନ୍ଦ୍ରାପଡ଼ାର ଶ୍ରୀବଳଦେବଜିଉଙ୍କ ରଥଯାତ୍ରା ଓ ବାହୁଡ଼ାଯାତ୍ରାକୁ ଦୃଷ୍ଟିରେ ରଖି ଜିଲ୍ଲା ଏବଂ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି । ପୁଲିସ ପକ୍ଷରୁ ଯାନବାହନ ଚଳାଚଳ ଉପରେ କଟକଣା ଜାରି କରାଯାଇଛି ।

*Deskl*

# ଡିଜିଟାଲ୍ ହୁଣ୍ଡି ସମର୍ପଣ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଶ୍ରୀଜଗନ୍ନାଥ ମନ୍ଦିର ଡିଜିଟାଲ୍ ହୁଣ୍ଡି ସମର୍ପଣ ୱେବ୍ ପୋର୍ଟାଲ୍ ଏବଂ ମୋବାଇଲ୍ ଆପ୍‌ର ଶୁଭାରମ୍ଭ କରିବେ । ପୁରୀ ଶ୍ରୀଜଗନ୍ନାଥ ପ୍ରଶାସନ କାର୍ଯ୍ୟାଳୟଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

*Desk*

# କ୍ୟାବିନେଟ୍

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ୭ଟି ବିଭାଗର ୧୩ଟି ପ୍ରସ୍ତାବକୁ ମଞ୍ଜୁରି ମିଳିଛି । ବୈଠକରେ

ଗ୍ରାମ୍ୟ ଉନ୍ନୟନ ବିଭାଗର ୭ଟି ପ୍ରସ୍ତାବପାଇଁ ୩୨ ହଜାର ୬୭ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପକୁ ମଞ୍ଜୁରି ଦିଆଯାଇଛି । ଏଥିରେ ସେତୁବନ୍ଧ ଯୋଜନାର ୨୦୩୦-୩୧ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ସମ୍ପ୍ରସାରଣ, ୧ ହଜାର ୭୫୦ଟି ନୂତନ ସେତୁର ନିର୍ମାଣ, ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା-ହସ୍ତାନ୍ତରିତ ରାସ୍ତାଗୁଡ଼ିକର ଉନ୍ନତୀକରଣ ଯୋଜନାକୁ ଅନୁମୋଦନ ମିଳିଛି । ରାଜ୍ୟର ନଦୀବନ୍ଧ ଓ ସେତୁର ଉପରମୁଣ୍ଡରେ ମୌସୁମୀ ଜଳକୁ ସଂରକ୍ଷିତ ରଖିବା ଉଦ୍ଦେଶ୍ୟରେ ବ୍ରିଜ୍-କମ୍-ୱେୟାର୍ ଯୋଜନାକୁ ୨୦୨୬-୨୭ରୁ ୨୦୩୦-୩୧ ଆର୍ଥିକ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକାରୀପାଇଁ ନିଷ୍ପତ୍ତି ନିଆଯାଇଛି । ରାଜ୍ୟର ଦୁର୍ଗମ ତଥା ମାଓବାଦୀ ପ୍ରଭାବିତ ଅଞ୍ଚଳର ଅସଂଯୁକ୍ତ ଗ୍ରାମଗୁଡ଼ିକରେ ସଡ଼କ ଯୋଗାଯୋଗ ବ୍ୟବସ୍ଥା ବିକଶିତ କରିବାକୁ ଏମ୍.ଏମ୍.ଏସ୍.ୱାଇ. ଦୁର୍ଗମ ଅଞ୍ଚଳ ଅସଂଯୋଜିତ ଗ୍ରାମଗୁଡ଼ିକର ସଂଯୋଗୀକରଣ ଯୋଜନାର ଶୁଭାରମ୍ଭ କରାଯାଇଛି । ଓଡ଼ିଶା କୃଷି ବିପଣନ ଆଇନ-୧୯୫୬କୁ ରଦ୍ଦ କରିବା ସହ ନୂତନ କୃଷି ଓ ସମ୍ପଦ ବିପଣନ ଆଇନ ପ୍ରଣୟନ ପ୍ରସ୍ତାବକୁ ମଞ୍ଜୁରି ମିଳିଛି । ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ କୃଷି ଉଦ୍ୟୋଗୀଙ୍କୁ ପୁଞ୍ଜି ବିନିଯୋଗ ରିହାତି ପ୍ରଦାନ ବ୍ୟବସ୍ଥାକୁ ୨୦୩୦-୩୧ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିବା ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି ।

***Desk***

# ଅମୃତ ଭାରତ ଷ୍ଟେସନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୧୭ ତାରିଖରେ ଅମୃତ ଭାରତ ଷ୍ଟେସନ୍ ଯୋଜନାରେ ନିର୍ମାଣ ହୋଇଥିବା ଦେଶରେ ୭୫ଟି ରେଳଷ୍ଟେସନ୍‌କୁ ଲୋକାର୍ପଣ କରିବାର କାର୍ଯ୍ୟସୂଚୀ ରହିଛି । ଏଥିରେ ଓଡ଼ିଶାର ୫ଟି ରେଳଷ୍ଟେସନ୍ ସାମିଲ ଥିବା ପୂର୍ବତଟ ରେଳବାଇ ସୂତ୍ରରୁ ସୂଚନା ମିଳିଛି । ବଲାଙ୍ଗିର, ବରପାଲି, କେସିଙ୍ଗା, ତାଳଚେର ଏବଂ ପାରଳାଖେମୁଣ୍ଡି ରେଳଷ୍ଟେସନ୍‌ର ଉଦ୍‌ଘାଟନ ହେବ । ପ୍ରଧାନମନ୍ତ୍ରୀ ପଞ୍ଜାବର ଜଳନ୍ଧରଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ ଷ୍ଟେସନ୍‌ଗୁଡ଼ିକର ଉଦ୍‌ଘାଟନ କରିବେ ।

***Cuttack/R***

# ବିଶ୍ୱନାଥ ପଣ୍ଡିତ ପାଠାଗାର

କଟକ ସହରରେ ବିଶ୍ୱନାଥ ପଣ୍ଡିତ କେନ୍ଦ୍ରୀୟ ପାଠାଗାର ଲୋକାର୍ପିତ ହୋଇଛି । ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର ଏହି ଅତ୍ୟାଧୁନିକ ସ୍ମାର୍ଟ ପାଠାଗାରର ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ଡକ୍ଟର ମହାପାତ୍ର କହିଛନ୍ତି, ଜ୍ଞାନ, ଗବେଷଣା ଓ ପଠନ ସଂସ୍କୃତି ବିକାଶ ଦିଗରେ ଏହି ପାଠାଗାର ମାଇଲ୍‌ଖୁଣ୍ଟ ସାବ୍ୟସ୍ତ ହେବ । ଏହି ଅବସରରେ

ମନ୍ତ୍ରୀ ଗୁରୁଡ଼ିଝାଟିଆଠାରେ ହେବାକୁ ଥିବା ଏଗ ଗୋଶାଳାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ।

*Desk*

## ମହାଲିଙ୍ଗ - କୋଭିଡ୍

ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ସମ୍ଭାବ୍ୟ କୋଭିଡ୍ ସ୍ଥିତି ସମ୍ପର୍କରେ ସମୀକ୍ଷା କରିଛନ୍ତି । ମନ୍ତ୍ରୀ ଜନସାଧାରଣଙ୍କୁ କୌଣସି ଗୁଜବ କିମ୍ବା ଅପପ୍ରଚାରରେ ଭୟଭୀତ ନ ହୋଇ ସଚେତନ ରହିବା ସହ ଆବଶ୍ୟକ ନିୟମାବଳୀ ପାଳନ କରିବାକୁ ପରାମର୍ଶ ଦେଇଛନ୍ତି ।

*Nabarangpur/R*

## ଲ୍ୟାମ୍ପ୍ସ - ସାର

ନବରଙ୍ଗପୁର ଜିଲ୍ଲାରେ ନଗଦ ଟଙ୍କା ଜମା କରି ଚାଷୀମାନେ ଲ୍ୟାମ୍ପ୍ସରୁ ସାର କ୍ରୟପାରିବେ । ଜିଲ୍ଲାପାଳ ଡକ୍ଟର ମହେଶ୍ୱର ସ୍ୱାଇଁ ଏ ନେଇ ସମସ୍ତ ଲ୍ୟାମ୍ପ୍ସକୁ ନିର୍ଦ୍ଦେଶ ଦେଇଛନ୍ତି । ଯେଉଁ ଚାଷୀମାନେ ସାରପାଇଁ QR କୋଡ୍‌ରେ ଟଙ୍କା ଜମା କରିପାରୁ ନାହାନ୍ତି, କର୍ତ୍ତୃପକ୍ଷ ସେମାନଙ୍କଠାରୁ ନଗଦ ଟଙ୍କା ନେଇ ଚାଷୀମାନଙ୍କୁ ସାର ଦେବାପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି ।

*Sonepur/R*

# ଏସ୍.ଆଇ.ଆର୍. - ପ୍ରଶିକ୍ଷଣ

ସୁବର୍ଣ୍ଣପୁର ଜିଲ୍ଲାର ୬୫ ନମ୍ବର ବିଧାନସଭା ନିର୍ବାଚନମଣ୍ଡଳୀରେ ୩୬ ଜଣ ନୂତନ ବୁଥ୍‌ସ୍ତରୀୟ ଅଧିକାରୀ ଓ ବି.ଏଲ୍.ଏ. ସୁପରଭାଇଜରମାନଙ୍କୁ ସ୍ୱତନ୍ତ୍ର ସଘନ ସଂଶୋଧନ-ଏସ୍.ଆଇ.ଆର୍. ପାଇଁ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ଏସ୍.ଆଇ.ଆର୍. କାର୍ଯ୍ୟକ୍ରମ ଅଧୀନରେ ବିଜ୍ଞପ୍ତି ପ୍ରସ୍ତୁତି, ମ୍ୟାପିଙ୍ଗ୍ ହୋଇ ନ ଥିବା ଭୋଟର୍‌ମାନଙ୍କୁ ନୋଟିସ୍ ପ୍ରଦାନ କରିବା ସହ ଅନ୍ୟାନ୍ୟ ପ୍ରକ୍ରିୟା ଉପରେ ବିସ୍ତୃତ ଭାବେ ସୂଚନା ପ୍ରଦାନ କରାଯାଇଛି ।

*Desk/Bhadrak/R*

# ପାଣିପାଗ

ଉତ୍ତର ବଙ୍ଗୋପସାଗରର ପାର୍ଶ୍ୱବର୍ତ୍ତୀ ଦକ୍ଷିଣ ବାଂଲାଦେଶ ଉପରେ ସକ୍ରିୟ ଘୂର୍ଣ୍ଣିବଳୟ ପ୍ରଭାବରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ଲଗାଣ ବର୍ଷା ଜାରି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାନେଇ ଜଗତ୍‌ସିଂହପୁର ଜିଲ୍ଲାପାଇଁ ସତର୍କ ସୂଚନା ଜାରି କରାଯାଇଛି । ସେହିପରି ୧୯ଟି ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଗତ ୨୪ ଘଣ୍ଟା ମଧ୍ୟରେ ଭଦ୍ରକରେ ସର୍ବାଧିକ ୯୮ ମିଲିମିଟର ବର୍ଷା ରେକର୍ଡ଼ ହୋଇଥିଲା ।

ଭଦ୍ରକ ଜିଲ୍ଲାରେ ଲଗାଣ ବର୍ଷାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ଡକ୍ଟର ଦିଲୀପ ରାଉତରାୟ ଆଜି ସମସ୍ତ ବିଦ୍ୟାଳୟକୁ ଛୁଟି ଘୋଷଣା କରିଛନ୍ତି ।

*****